# Akashvani, Sambalpur

## SAMBALPURI NEWS EVENING BULLETIN

## 31 December 2024- 7.02 pm- 7.12 pm.

**********************************************

୧- ରାଏଜେ ଶିକ୍ଷାର୍ ବିକାଶ୍ ଲାଗି ପିଏମ୍ ଉଷା ଯୋଜ୍ନାଥି ୬ ଶହ ୭୬ କୋଟି ଅନୁଦାନ୍ ଦିଆଯିବା- ସୂଚନା ଦେଲେ ଉଚ୍ଚଶିକ୍ଷା ମନ୍ତ୍ରୀ ।

୨- ଜାନୁଆରୀ ୫ ତାରିଖ୍ ଦିନ ଶହୀଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍ନାର୍ ଶୁଭାରମ୍ଭ କର୍‌ବେ ମୁଖ୍ୟମନ୍ତ୍ରୀ ।

- ବୀର୍‌ତା ଦିବସ୍‌ଥି ଜନମ୍‌ମାଏଟ୍ ଘେଁସ୍ ଠାନେ ଶହୀଦ୍ ମାଧୋ ସିଂଙ୍କୁ ଦିଆଗଲା ଶ୍ରଦ୍ଧାଞ୍ଜଳି ।

୩- ଆଏବା ୭ ତାରିଖ୍ ହେବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆର୍ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ନ ଆଏବା ୨୦ ତାରିଖ୍‌ନୁ ନୁ ମୁଲ୍ ହେବା ଧାଡ଼ି ଦର୍ଶନ୍ ।

ପି.ଏମ୍. ଉଷା      I&PR

ରାଏଜେ ପ୍ରଧାନ୍‌ମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ୍ - ପି.ଏମ୍. ଉଷା ଯୋଜ୍‌ନାଥି ୬ ଶହ ୭୬ ଦଶ୍‌ମିକ୍ ୭ କୋଟି ଟଙ୍କା ଅନୁଦାନ୍ ଦିଆଯିବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଆଏଜ୍  ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି ଶ୍ରୀ ସୂରଜ୍ କହିଛନ୍ ଯେ, ଯୋଜ୍‌ନା ଲାଗି କେନ୍ଦ୍ର ସର୍‌କାର୍ ୪ ଶହ ୮ ଦଶ୍‌ମିକ୍ ୭ କୋଟି ଟଙ୍କା ଆର୍ ରାଜ୍ୟ ସର୍‌କାର୍ ୨ ଶହ ୬୮ କୋଟି ଟଙ୍କା ଦେବେ । ଇ ଟଙ୍କା ବିଶ୍ୱବିଦ୍ୟାଲୟ ଆର୍ ମହାବିଦ୍ୟାଲୟମାନ୍‌କର୍ ଭିତିଭୂମି ବିକାଶ୍, ମାନବ୍ ସମ୍ବଲ ବିକାଶ୍, ଗବେଷଣା ଆର୍ ଛାତ୍ରଛାତ୍ରୀଙ୍କର୍ ଦକ୍ଷତା ବିକାଶ୍ ଦିଗେ ସାହଜ୍ ହେବା । ସେ କହିଛନ୍, ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟକେ ମଲ୍ଟି ଡିସିପ୍ଲିନାରୀ ଏଜୁକେସନ୍ ଆଣ୍ଡ ରସର୍ଚ୍ଚ ୟୁନିଭର୍‌ସିଟି ବର୍ଗଥି ଶହେ କୋଟି ଟଙ୍କା ମିଲ୍‌ବା । ପିଏମ୍ ଉଷା ଯୋଜ୍‌ନାର୍ କାର୍ଯ୍ୟକାରୀ ଲାଗି ହେଇଥିବା ୩ ନମ୍ବର୍ ପ୍ରୋଜେକ୍ଟ ଆପ୍ରୁଭାଲ୍ ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ନିଆଯାଇଛେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ ।

ଶହୀଦ୍ ମାଧୋସିଂ ହାତଖର୍ଚ୍ଚ      I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାନୁଆରୀ ୫ ତାରିଖ୍ ରାଏକେ ଜନଜାତି ଛାତ୍ରଛାତ୍ରୀଙ୍କର୍ ଲାଗି ଶହୀଦ୍ ମାଧୋସିଂ ହାତଖର୍ଚ୍ଚ ଯୋଜ୍ନାର୍ ଶୁଭାରମ୍ଭ କର୍ବେ । ଯୋଜ୍ନାଥି ରାଜ୍ୟର୍ ଜନଜାତି ଛାତ୍ରଛାତ୍ରୀଙ୍କୁ ଆଏବା ଶିକ୍ଷା ବଛ୍ରର୍ ଲାଗି ଏକାଥର୍କେ ୫ ହଜାର୍ ଲେଖା ସାହାଜ୍ ଟଙ୍କା ଯୁଗେଇ ଦେବେ । ସାହାଜ୍ ଟଙ୍କା ଛାତ୍ରଛାତ୍ରୀଙ୍କର୍ ବେଙ୍କ୍ ଏକାଉଂଟ୍କେ ସିଧାସଲଖ୍ ଯିବା । ଇ ବାବ୍ଦେ ଶହୀଦ୍ ମାଧୋ ସିଂଙ୍କର୍ ବଳିଦାନ୍ ଦିବସ୍ ପାଲନ୍ ଉଧେ ଆଏଜ୍ ରାଜ୍ୟ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ବୀର୍ତା ଦିବସ୍ଥି ଶହୀଦ୍ ମାଧୋ ସିଂଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ମାଧୋ ସିଂଙ୍କର୍ ବଳିଦାନ୍ ଦିବସ୍ଥି କୋଟି କୋଟି ପ୍ରଣାମ୍ ବଲି ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ଥି କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶହୀଦ୍ ମାଧୋ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁ ଆଏଜ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଶହୀଦ୍ ମାଧୋ ସିଂଙ୍କର୍ ରାଜ୍ୟସ୍ତରୀୟ ବୀରତା ଦିବସ୍ ଅନୁଷ୍ଠିତ୍ ହେଇଯାଇଛେ । ମାଧୋ ସିଂଙ୍କର୍ ରାଜ୍ୟସ୍ତରୀୟ ବୀରତା ଦିବସ୍ କାର୍ଯ୍ୟକ୍ରମ୍ ଆଏଜ୍ ତାଙ୍କର୍ ଜନ୍ମପୀଠ ବର୍ଗଡ଼୍ ଜିଲ୍ଲାର୍ ଘେଁସ୍ ଠାନେ ଅନୁଷ୍ଠିତ୍ ହେଇଛେ । କାର୍ଯ୍ୟକ୍ରମ୍ଥି ସେନର୍ ସାଂସଦ୍,

ବିଧାୟକ୍, ଜନସାଧାରଣ୍ ଆର୍ ଘେଁସ୍‌ର ଶହୀଦ୍ କୁଞ୍ଜଲ୍ ସିଂ କ୍ଲବ୍‌ର ସଦସ୍ୟମାନେ ଯୋଗ୍ ଦେଇଥିଲେ ।

ବର୍ଷା କ୍ଷୟକ୍ଷତି ପଞ୍ଜିକରଣ୍ I&PR

ଅଦିନିଆ ବର୍ଷା ଲାଗି ହେଇଥିବା ଫସଲ୍ ନୁକ୍‌ସାନ୍‌ର ସୂଚ୍‌ନା ଲାଗି ପଞ୍ଜିକରଣ୍ ଆଏବାକାଏଲ୍‌ତକ୍ ହେଇପାର୍‌ବା । ଆଘୋନୁ ଇଥିର୍‌ଲାଗି ଗଲା ରଏବାର୍‌ତକ୍ ଶେଷ୍ ତାରିଖ୍ ଧାରିଜ୍ ହେଇଥିଲା । କୃଷି ରକ୍ଷକ୍ ଆପ୍ ନାହେତ ହେଲ୍ପ ଲାଇନ୍ ନମ୍ବର୍ ୧୪୪୪୭ ଥି କ୍ଷତିଗ୍ରସ୍ତ ଚାଷୀ ପଞ୍ଜିକରଣ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ଜିଏସ୍‌ଏଲ୍‌ଭି ଶହେ ନମ୍ବର୍ ମହାକାଶ ଯାତ୍ରା ହି.ସ.

ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ନିର୍ମିତ ଜିଓସିଙ୍କ୍ରୋନାଇଜ୍ ସାଟେଲାଇଟ୍ ଲଂଚ୍ ଭେଇକିଲ୍- ଜିଏସ୍‌ଏଲ୍‌ଭି ଆଏବା ଜାନୁଆରୀ ମାସେ ତାର୍ ଶହେ ନମ୍ବର୍ ମହାକାଶ ଯାତ୍ରା କର୍‌ବା । ଇଥିର୍‌ଲାଗି ଭାରତୀୟ ମହାକାଶ୍ ଗବେଷଣା ପ୍ରତିଷ୍ଠାନ୍- ଇସ୍ରୋ ତର୍‌ଫୁ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ । ଆନ୍ଧ୍ରପ୍ରଦେଶ୍‌ର ଶ୍ରୀହରିକୋଟା ଠାନେ ଥିବା ଇସ୍ରୋର୍

ସତୀଶ୍ ଧୱନ୍ ସ୍ପେଶ୍ ସେଂଟ୍ର୍‌ନୁ ପିଏସ୍ଏଲ୍‌ଭି- ସି ୬୦ ମହାକାଶ ଯାନ ସ୍ପେଶ୍ ଡକିଙ୍ଗ୍ ପରୀକ୍ଷଣ ଲାଗି ଗଲାରାତି ମହାକାଶ ଯାତ୍ରା କର୍‌ବାର୍ ପରେ ଜିଏସ୍ଏଲ୍‌ଭିର ଶହେ ତମ ପରୀକ୍ଷା ଲାଗି ଇସ୍ରୋର ମୁଖ୍ୟ ଏସ୍. ସୋମ୍‌ନାଥ୍ ସୂଚ୍‌ନା ଦେଇଛନ୍ ।

ବିମାନ୍ ସେବା ଆର୍ଏନ୍‌ୟୁ / ସମ୍ବଲପୁର

ଆଏବା ନୂଆବରସ୍‌ନୁ ଭୁବ୍‌ନେଶ୍ୱର୍ ଆର୍ ଝାର୍‌ସୁଗୁଡ଼ାନୁ ଦେଶର୍ ୯ ଟା ସହର୍‌କେ ସିଧାସଲଖ୍ ବିମାନ୍ ସେବା ମୁଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚ୍‌ନା ଦେଇଛନ୍ । ଆଏବା କାଏଲ୍‌ଠାନୁ ଝାର୍‌ସୁଗୁଡ଼ାନୁ ହାଇଦ୍ରାବାଦ୍, ରାୟପୁର୍, ଲକ୍ଷ୍ନୌ ଆର୍ ମୁମ୍ବାଇକେ ବିମାନ୍ ଚାଲ୍‌ବା । ସେନ୍ତା ଆଏବା ଶୁକ୍ରବାର୍ ନୁ ଭୁବ୍‌ନେଶ୍ୱର୍‌ନୁ ଇନ୍ଦୋର୍, ଡେରାଡୁନ୍, କୋଚି, ଜୟପୁର୍, ଲକ୍ଷ୍ନୌକେ ସିଧାସଲଖ୍ ବିମାନ୍ ସେବା ମୁଲ୍ ହେବା । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇକରି କହିଛନ୍ ଯେ, ରାଜ୍ୟର୍ ଅର୍ଥନୈତିକ୍ ବିକାଶ୍ କ୍ଷେତ୍ରଥି ଇଟା ମାଇଲଖୁଂଟ ହେବା । ବିମାନ୍‌ସେବା ପ୍ରଦାନ୍‌କାରୀ ସଂସ୍ଥା ଇଣ୍ଡିଗୋ ଆର୍ ଏୟାର୍ ଇଣ୍ଡିଆ ତର୍‌ଫୁ ବିମାନ୍‌ସେବା ମିଲିପାର୍‌ବା ବଲି

କୁହାଯାଇଛେ । ଇନ ଜନେଇ ଦିଆଯାଇପାରେଯେ, ଇ ବଛର୍ ଅକ୍ଟୋବର୍ ମାସେ ରାଏଜୁ ଦେଶର୍ ଭିନ୍ ଭିନ୍ ଜାଗାକେ ବିମାନ୍‌ସେବା ଦେବାର୍ ଲାଗି ନୂଆଁ ନୀତି ପ୍ରଣୟନ୍ ହେଇଛେ ।

ଓଡ଼ିଶା ଆଦର୍ଶ ବିଦ୍ୟାଲୟ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ଆଦର୍ଶ ବିଦ୍ୟାଲୟ ଆର୍ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଲୟ ପ୍ରବେଶିକା ପରୀକ୍ଷା ଆଏବା ମାସ ୭ ତାରିଖ୍ ଦିନ ହେବା । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଇ ପରୀକ୍ଷା ଲାଗି ରାଏଜେ ୭ ଶହ ୮୯ ଟା କେନ୍ଦ୍ରଥି ପରୀକ୍ଷା କରାଯିବା । ପରିଷଦ୍ ତର୍‌ଫୁ ଇ ବାବଦ୍ ବିଜ୍ଞପ୍ତି ସହେତେ ଛାତ୍ରଛାତ୍ରୀମାନ୍‌କର୍ ଏଡ୍‌ମିଟ୍‌କାର୍ଡ଼ ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ୱେବ୍‌ସାଇଟ୍‌ଥି ମିଲୁଛେ । ଆଦର୍ଶ ବିଦ୍ୟାଲୟଥି ୬ କ୍ଲାସ୍‌ଥି ନାଁଲେଖାବାର୍ ଲାଗି ୧ ଲାଖ୍ ୪୧ ହଜାର୍ ୩ ଶହ ୬୦ ଝନ୍ ଆବେଦନ୍ କରିଥିବାର୍ ବେଲେ ୭ କ୍ଲାସ୍ ଲାଗି ୧୦ ହଜାର୍ ୮୬, ୮ କ୍ଲାସ୍ ଲାଗି ୫ ହଜାର୍ ୭ ଶହ ୭୪ ଆର୍ ୯ କ୍ଲାସ୍‌ର ଲାଗି ୩ ହଜାର୍ ଶହେ ୮୯ ଝନ୍ ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ । ସେନ୍ତା ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଲୟଥି

ପ୍ରବେଶିକା ପରୀକ୍ଷା ଲାଗି ୬ କ୍ଲାସ୍‌ଥି ୮ ଶହ ୭୫ ଝନ୍ ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ ।

ଧାଡ଼ି ଦର୍ଶନ୍-ପୁରୀ ହି.ସ.

ରାଜ୍ୟ ସର୍‌କାର୍ ପୁରୀ ଶ୍ରୀମନ୍ଦିର୍ ନ ଭିନ୍ନକ୍ଷମ ଆର୍ ବରିଷ୍ଠ ନାଗରିକଙ୍କର୍ ମାହାପୁରୁ ଦର୍ଶନ୍ ଲାଗି ଖୋବ୍ ଜଲ୍‌ଦି ପଦକ୍ଷେପ୍ ନେବେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ । ଆଏବା ମାସ ୨୦ ତାରିଖ୍‌ନୁ ଶ୍ରୀମନ୍ଦିର୍ ନ ଧାଡ଼ିଦର୍ଶନ୍ ବ୍ୟବସ୍ଥା ମୁଲ୍ ହେବା । ନୂଆବଛର୍ ସମିଆଥି ଶ୍ରୀମନ୍ଦିର୍ ନ ଅପ୍ରବଲ୍ ଭିଡ଼୍‌କେ ନଜର୍‌ଥି ରଖିକରି ସର୍‌କାର୍ ପଦକ୍ଷେପ୍ ନେଉଛନ୍ । ଅଏତ୍‌କା ଭିଡ଼୍ ରହୁଥିବାର୍‌ନୁ ଧାଡ଼ି ଦର୍ଶନ୍ ବ୍ୟବସ୍ଥା ଇହାଦେ କରା ନାଇଁ ଯାଏ ବଲି ମନ୍ତ୍ରୀ କହିଛନ୍ ।

ଶ୍ରୀମନ୍ଦିର୍ ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

୨୦୨୪ ମସିହାକେ ବିଦାୟ ଦେବାର୍ ସହେତେ ନୂଆବଛର୍‌ଥି ମହାପ୍ରଭୁଙ୍କର୍ ଦର୍ଶନ୍ ଲାଗି ପୁରୀ ନ ଲକ୍ଷାଧିକ୍ ଭକ୍ତମାନ୍‌କର୍ ସମାଗମ୍‌କେ ନଜର୍‌ଥି ରଖିକରି ଜିଲ୍ଲାପ୍ରଶାସନ୍

ତର୍ଫୁ ଜିଲ୍ଲାପାଳ୍ଙ୍କର୍ ଅଧ୍ୟକ୍ଷତାଥ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଶ୍ରୀମନ୍ଦିର୍‌ଥି ଭକ୍ତମାନ୍‌କର୍ ଶୃଙ୍ଖଲିତ୍ ଦର୍ଶନ୍ ଲାଗି ଶ୍ରୀମନ୍ଦିର୍ କାର୍ଯ୍ୟାଳୟଠାନେ ହେଇଥିବା ବୈଠକ୍‌ଥି ଶ୍ରୀଜୀଉଙ୍କର୍ ନୀତିକାନ୍ତି ଆର୍ ଶୃଙ୍ଖଲିତ୍ ଦର୍ଶନ୍ ସାଙ୍ଗେ ଟ୍ରାଫିକ୍ ପରିଚାଳନା ବାବ୍‌ଦେ ଆଲୋଚନା ହେଇଥିଲା । ପୁରୀ ଜିଲ୍ଲାପାଳ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ କହିଛନ୍....

(ଭଏସ୍ ଓଭର୍-ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ)

ସମଲେଇ ମନ୍ଦିର- ନୂଆବରସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ନୁଆବର୍ଷକେ ନଜର୍‌ଥି ରଖିକରି ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ ଲାଗି ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ତର୍ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ । ଶ୍ରଦ୍ଧାଳୁ ମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ବଲି ଟ୍ରଷ୍ଟବୋର୍ଡ଼ ସଭାପତି ସୂଚ୍‌ନା ଦେଇଛନ୍ । ଆଏବା କାଏଲ୍ ସଖାଲର୍ ୬ ବଜେନୁ ମନ୍ଦିର୍ ଦର୍ଶନ୍ ମୁଲ୍ ହେବା । ଦିନର୍ ୧୧ ବାଜିକରି ୪୫ ମିନିଟ୍‌ନୁ ସାଢ଼େ ୧୨ ବଜେତକ୍ ଅନ୍ନଭୋଗ୍ ଲାଗି ଆର୍ ବେଲ୍‌ବୁଡ଼ର୍ ୭ ବାଜିକରି ୪୫ ମିନିଟ୍‌ନୁ ରାତି ସାଢ଼େ ୮ ବଜେତକ୍ ସନ୍ଧ୍ୟା ଆଲ୍‌ତୀ ଲାଗି ମାଙ୍କର୍ ଦର୍ଶନ୍ ବନ୍ଦ୍ ରହେବା । ସେନ୍ତା ଆଏବାକାଏଲ୍‌ଠାନୁ

ମହାନଦୀ ଆଲ୍‌ତୀ ଘାଟ୍ ନ ଆଲ୍‌ତୀ ଫେର୍‌ଘାଏ ମୁଲ୍ ହେବା ବଲି ଟ୍ରଷ୍ଟବୋର୍ଡ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଅବସର ଗ୍ରହଣ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରର୍ ସହାୟକ ଅଭିଯନ୍ତା ମୁନୀଷ୍ ଗର୍ଗ ଆଏଜ୍ ଚାକିରିନୁ ଅବସର ନେଇଛନ୍ । ସେ ୧୯୯୧ ମସିହାଥି ଚାକିରି ଜୀବନ୍ ମୁଲ୍ କରିକରି ଦୀର୍ଘ ୩୩ ବଛର୍ ଆକାଶ୍‌ବାଣୀ ଆର୍ ଦୂରଦର୍ଶନ୍ କେନ୍ଦ୍ର ମାନ୍‌କେ କାମ୍ କରିଥିଲେ । ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍‌ଫୁ ହେଇଥିବା ବିଦାୟ ସମ୍ବର୍ଦ୍ଧନା ସଭାଥି କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଜୀ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମ୍‌ଥି ଅଭିଯାନ୍ତ୍ରିକୀ ମୁଖ୍ୟ ସଞ୍ଜୟ ସର୍‌କାର୍, ସନ୍ତୋଷ୍ ପିଙ୍ଗ୍, କ୍ଷେତ୍ରମଣି ବିଭାର୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଲୋକନୃତ୍ୟ ପୁସ୍ତକ୍     ହି.ସ.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲ୍‌ପୁରୀ ଲୋକନୃତ୍ୟ ଆର୍ ଲୋକଗୀତ୍‌କେ ନେଇକରି ତଥ୍ୟ ଭିତିକ ବହିକେ ଗଲାକାଏଲ୍ ଉନ୍ମୋଚନ୍ କରିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍

ଇ ବହି ଛାତ୍ରଛାତ୍ରୀ ଆର୍ ଗବେଷକମାନ୍‌କର୍ ଲାଗି ଲାଭଦାୟକ୍ ହେବା କହିଥିଲେ । ଇ ଅବ୍‌ସରେ ପଂଚାୟତ୍‌ରାଜ୍ ମନ୍ତ୍ରୀ ରବିନାରାୟଣ୍ ମନ୍ତ୍ରୀ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟର୍ କୁଲପତି ପ୍ରଫେସର୍ ଏନ୍. ନାଗାରାଜୁ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଜିଲ୍ଲାସ୍ତରୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ସ୍ୱାସ୍ଥ୍ୟସେବା ଦିବସ୍ ପାଳନ୍ କରାଯାଇଛେ । ଇ ଅବ୍‌ସରେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ ଗୁଟେ ଜିଲ୍ଲାସ୍ତରୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ଟୁର୍ଣ୍ଣାମେଂଟ୍‌ର କୃତି ପ୍ରତିଯୋଗୀ ମାନ୍‌କୁ ପୁରସ୍କୃତ କରିଥିଲେ ।

ଜିଲ୍ଲାସ୍ତରୀୟ ସଡ଼କ୍ ସୁରକ୍ଷା କମିଟି ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ସଡ଼କ୍ ସୁରକ୍ଷା କମିଟି ବୈଠକ୍ ଅନୁଷ୍ଠିତ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଦୁର୍ଘଟଣାକେ ଅଟ୍‌କାବାର୍ ଲାଗି ଭିନ୍ ଭିନ୍ ଜାଗା ନ ସଚେତନତାମୂଲକ୍ ହୋର୍ଡିଂ, ଗାଡ଼ିମଟର୍ ଯାଂଚ୍ ରାସ୍ତାଘାଟ୍‌ର ଉନ୍ନତିକରଣ୍ ଆର୍ ମରାମତି ଉପ୍‌ରେ ଆଲୋଚନା କରାଯାଇଥିଲା । ବୈଠକ୍‌ଥି ଦେବ୍‌ଗଡ଼୍ ଆଂଚଲିକ୍ ପରିବହନ୍ ବିଭାଗ୍‌ର ଅଧିକାରୀ ଆର୍ ଜିଲ୍ଲା ପ୍ରଶାସନ୍‌ର ଅଧିକାରୀ ଯୋଗ୍ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ଆଏଜ୍ ୪ ନମ୍ବର୍ ଦିନେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଦଲ୍ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ହେଇଥିବା ମେଚ୍‌ଥି ୟୁପି ରୁଦ୍ରାସ୍ - ବେଦାନ୍ତ କଳିଙ୍ଗ ଲେନସର୍ସକେ ୩-୧ ଗୋଲ୍‌ଥି ହରେଇଥିଲା ।